୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସ୍ୱଚ୍ଛ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27 . No.30 Bhubaneswar Friday March 7 2025 | ୨୭ତମ ବର୍ଷ ସଂଖ୍ୟା–୩୦ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଚାଷୀଙ୍କ ଦୁଃଖ କେବେ ଶୁଣିବେ ସରକାର: କ୍ଷତି ଅସହ୍ୟ ହେବାରୁ ଆନ୍ଦୋଳନକୁ ଓହ୍ଲାଇଲା କୃଷକ ସଂଗଠନ





ଭୁବନେଶ୍ୱର,୬।୩(ପି.ଏନ): ସମୟ ସକାଳ ସାଢେ ଆଠଟା । କଡା ସୁରକ୍ଷା ବଳୟ ଭେଦି ପଶିଆସିଲା ନବନିର୍ମାଣ କୃଷକ ସଂଗଠନ । ପୋଲିସ କିଛି ବୁଝିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଗେଟରେ ଚଢ଼ିଗଲେ ଆନ୍ଦୋଳନକାରୀ । ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଚାଲିଲା ନାରାବାଜି । ଚାଷୀଙ୍କ ନାରାରେ କମ୍ପିଲା ଲୋୟର ପିଏମଜି । ରାଜ୍ୟର ଧାନମଣ୍ଡିରେ ଚାଲିଥିବା କଟନୀଛଟନୀ ପ୍ରତିବାଦରେ ରାଜ୍ୟ ସରକାରଙ୍କୁ ଘେରିଛି ନବନିର୍ମାଣ କୃଷକ ସଂଗଠନ । ସଂଗଠନର ଯୁବ ନେତା ମନଓ୍ୱର ଅଲ୍ଲୀ ଏବଂ ଶେଷଦେବ ନନ୍ଦଙ୍କ ସମେତ ୨୫ ରୁ ଉର୍ଦ୍ଧ୍ୱ ଆନ୍‌ଦୋଳନକାରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି । ବିଭିନ୍ନ ଜିଲ୍ଲାରେ କୁଇଣ୍ଟାଲ ପ୍ରତି ୫ ରୁ ୨୦ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ ହେଉଥିବା ଅଭିଯୋଗ କରି ଦୀର୍ଘ ୨୦ ଦିନ ହେବ ଅନଶନରେ ବସିଛନ୍ତି ସଂଗଠନର ଆବାହକ ଅକ୍ଷୟ କୁମାର । ତେବେ ଏହା କେବଳ ଟ୍ରେଲର, ରାଜ୍ୟ ସରକାର କୌଣସି ପଦକ୍ଷେପ ନନେଲେ ଆଗକୁ ପୁରା ଫିଲ୍ମ ଦେଖିବେ ବୋଲି ଚେତାବନୀ ଦେଇଛି ସଂଗଠନ ।କଟନୀ ଛଟନୀ ପାଇଁ ମିଲର ମାଲେମାଲ ହେଉଥିବା ବେଳେ କ୍ଷତି ସହୁଛନ୍ତି ଚାଷୀ । କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି । କିନ୍ତୁ ସରକାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ସଂଗଠନ ଅଭିଯୋଗ କରିଛି । ଏନେଇ ପୂର୍ବରୁ ଆନ୍‌ଦୋଳନ ଚେତାବନୀ ଦେବାରୁ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରାତି ଅଧିଆ ସଂଗଠନକୁ ଡାକି ଆଲୋଚନା କରିଥିଲେ । କଟନୀ ଛଟନୀ ହେବନି ବୋଲି ପ୍ରତିଶୃତି ଦେବା ସହ ଯେଉଁ ମିଲର ଏଭଳି କରିବେ ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପ୍ରତିଶୃତି ପାଳନ ନକରିବାରୁ ଅକ୍ଷୟ କୁମାର ଅନଶନ ଆରମ୍ଭ କରିବା ସହ ୮ ଦଫା ଦାବି ସମ୍ବଳିତ ଏକ ଖୋଲା ଚିଠି ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ । ଏହାସହ ଚାଷୀଙ୍କୁ ସମସ୍ୟାର ସମାଧାନ ପାଇଁ କୃଷି, ଯୋଗାଣ, ସମବାୟ ଏବଂ ରାଜସ୍ୱ ବିଭାଗର ମନ୍ତ୍ରୀ ସଚିବ ବୈଠକ କରି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସଂଗଠନ ଦାବି କରିଥିଲା । ଯାହାକୁ ସରକାର ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଇଥିବା ସମସ୍ତ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି ପୋଲିସ ।

## ମେ'ରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ, ସୂଚନା ଦେଲେ ବୋର୍ଡ ସଭାପତି

ଭୁବନେଶ୍ୱର,୬।୩(ପି.ଏନ): ମେ'ରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ। ମେ'ରେ ମାସର ପ୍ରଥମ ସପ୍ତାହରେ ଫଳ ପ୍ରକାଶ ପାଇବ। ରେଜଲ୍ଟ ପ୍ରକାଶ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଫଳ ପ୍ରକାଶକୁ ନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ।ଆଜି ସରିବ ମାଟ୍ରିକ ପରୀକ୍ଷା । ଶେଷ ଦିନରେ ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ସକାଳ ୯ଟାରୁ ଦିନ ସାଢେ ୧୧ଟା ଯାଏଁ ପରୀକ୍ଷା ଚାଲିବ ।ଆସନ୍ତା ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହେବ ଖାତା ଦେଖା । ମାର୍ଚ୍ଚ ୧୯ରୁ ପାଖାପାଖି ୧୩ ଦିନ ଧରି ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାର ମୂଲ୍ୟାଙ୍କନ ହେବ । ପରୀକ୍ଷା ଖାତା ମୂଲ୍ୟାଙ୍କନ ସରିବା ପରେ ଦଶମ ରେଜଲ୍ଟ ପ୍ରକାଶ ପାଇବ।




## ୩୪ ବର୍ଷ ପରେ ଚେନ ଲୁଟେରାକୁ କେମିତି ଧରିଲା ପୁଲିସ୍ ? ହଜି ଯାଇଛି ଫାଇଲ୍ !




ଭୁବନେଶ୍ୱର,୬।୩(ପି.ଏନ): ସମସ୍ତଙ୍କୁ ଚକିତ କରି ଗୁଜରାଟର ଅହମଦାବାଦ ପୁଲିସ୍ ୩୪ ବର୍ଷ ହେଲା ଫେରାର ଥିବା ପଳାତକ ଘୋଷିତ ଜଣେ ଚେନ ଲୁଟେରାକୁ ଗିରଫ କରିଛି। ପଡି ରହିଥିବା ମାମଲା ଗୁଡିକର ସମାଧାନ କରିବା ପାଇଁ ବାହାରିଥିବା ଅହମଦାବାଦ ପୁଲିସ୍‌କୁ ଏପରି ସଫଳତା ମିଳିଛି। କିନ୍ତୁ ଚେନ ଲୁଟେରାକୁ ଗିରଫ କରିଥିବା ପୁଲିସ୍ ଆଇନ ଯୁଦ୍ଧରେ ହାରି ଯିବାର ଆଶଙ୍କା ରହିଛି। କାରଣ ଚୋରି କେସ୍‌ର ଫାଇଲକୁ ପୁଲିସ୍ ହଜାଇ ଦେଇଛି ।ପୁଲିସ୍ ପାଖରେ ମାମଲାକୁ ୩ଟି ପ୍ରମୁଖ ତଥ୍ୟ ରହିଛି। ସେଗୁଡିକ ହେଲା- ଅଭିଯୁକ୍ତର ନାଁ, ଅପରାଧ ଓ ଅପରାଧର ତାରିଖ। ଏହାକୁ ଆଧାର କରି ସିଟି କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଅଶୋକ ଠାକୁରକୁ ଗିରଫ କରିଛି। ୧୯୯୧ ମସିହା ଠାରୁ ଓଧାଭ ପୁଲିସ ଆଖିରେ ଧୂଳି ଦେଇ ଅଶୋକ ଫେରାର ହୋଇ ଯାଇଥିଲା। ୧୯୯୧ ମସିହା ଜୁନ ୧୬ରେ ସେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇବା ଘଟଣାର ଅଭିଯୁକ୍ତ। ଚେନ ଲୁଟ ଘଟଣାରେ ତା' ସହ ସାମିଲ ଥିବା ପପୁ ଶର୍ମା ଓ ଜାନକ ପଞ୍ଚଲକୁ ପୁଲିସ୍ ସେତେବେଳେ ଧରିପାରିଥିଲା। କିନ୍ତୁ ଅଶୋକ ଘଟଣା ପରଠାରୁ ଉଭାନ ହୋଇଯାଇଥିଲା ।ଗତ ସପ୍ତାହରେ ସୁରେନ୍ଦ୍ରନଗରରୁ ୫୯ ବର୍ଷୀୟ ଅଶୋକଙ୍କୁ ଗିରଫ କରାଯାଇଛି। ସେଠାରେ ସେ ସ୍କ୍ରାପ ଡିଲର ଭାବେ କାମ କରୁଥିଲା। ଅଶୋକଙ୍କୁ ଗିରଫ କରିବା ପରେ କ୍ରାଇମବ୍ରାଞ୍ଚ ସଫଳତା ପାଇଥିବା ଦାବି କରି ଛାତି ଫୁଲାଇ ବୁଲିଥିଲା। କାରଣ ଦଶନ୍ଧି ଦଶନ୍ଧି ଧରି ପ୍ରତି ସାପ୍ତାହିକ ମିଟିଂରେ ଉକ୍ତ ମାମଲା ଯୋଗୁ ପୁଲିସ୍‌କୁ ଅଡୁଆ ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲା। ତେଣୁ ଅଶୋକକୁ ଗିରଫ କରି ମାମଲାକୁ ପର୍ଦ୍ଦାଫାସ କରିବା ଲକ୍ଷ୍ୟରେ ଥିଲା ପୁଲିସ୍। କିନ୍ତୁ ଅଶୋକର ଗିରଫଦାରୀ ପରେ ବି ପୁଲିସକୁ ଲାଗିଛି ବଡ ଝଟକା।

### ବାଣ ବିସ୍ଫୋରଣରେ ଆହତଙ୍କୁ ଭେଟିଲେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ

ଯାଜପୁର,୬।୩(ପି.ଏନ): ବାଣ ବିସ୍ଫୋରଣରେ ୫ ଗୁରୁତର। ଯାଜପୁର ସଦର ଥାନା ବାସୁଦେବପୁର ପଂଚାୟତ ଜାଲପୁର ଗ୍ରାମରେ ଘଟିଛି ବିସ୍ଫୋରଣ। ବେଆଇନ ବାଣ ତିଆରି କାରଖାନାରେ ବିସ୍ଫ ?ରଣ ଘଟିଛି। ବାଣ ଭିଡୁଥିବା ସମୟରେ ବିସ୍ଫ ?ରଣ ହୋଇଛି। ୫ ଗୁରୁତରଙ୍କ ମଧ୍ୟରେ ଦୁଇ ଜଣ ବୟସ୍କ ଓ ଦୁଇ ଶିଶୁ ଅଛନ୍ତି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଦଲ ପାତ୍ରଙ୍କ ଅବସ୍ଥା ଗୁରୁତର ହେବାକୁ କଟକ ଝଉଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆହତଙ୍କ ପରିବାରକୁ ଭେଟିଛନ୍ତି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ । ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସେ ଦୁଃଖ ପ୍ରକାଶ କରିଛନ୍ତି ।

### ଜଷ୍ଟିସ ହରିଶ ଟଣ୍ଡନ ହେବେ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୬।୩(ପି.ଏନ): ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି। ଜଷ୍ଟିସ ହରିଶ ଟଣ୍ଡନ ଏବେ କୋଲକାତା ହାଇକୋର୍ଟର ବିଚାରପତି ଅଛନ୍ତି। ସୁଚନାଯୋଗ୍ୟ, ୧୯ ଜାନୁଆରୀ ୨୦୨୫ରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଅବସର ନେଇଥିଲେ । ଜଷ୍ଟିସ ସିଂଙ୍କ ଅବସର ପରେ ଏହି ସ୍ଥାୟୀ ପଦବୀ ଖାଲି ପଡିଥିଲା ।

## ସ୍କୁଲ ନୁହେଁ, ବିଜେଡି ରଙ୍ଗ ବଦଳାଇଛୁ

ଭୁବନେଶ୍ୱର,୬।୩(ପି.ଏନ): ସ୍କୁଲ ରଙ୍ଗ ବଦଳିବାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁବାର ଏକ ବଡ କଥା କହିଛନ୍ତି । ସେ କହିଛନ୍ତି, ସ୍କୁଲ ରଙ୍ଗ ନୁହେଁ, ଆମେ ବିଜେଡି ରଙ୍ଗ ବଦଳାଇଛୁ । ପୂର୍ବ ସରକାର ଦଳୀୟ ରଙ୍ଗ ବା ବିଜେଡି ରଙ୍ଗ କରିଥିଲେ, ଆମେ ଦଳୀୟ ତଥା ବିଜେଡି ରଙ୍ଗକୁ ପରିବର୍ତ୍ତନ କରିଛୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯାହା ପୂର୍ବରୁ ଥିଲା ସେହି ରଙ୍ଗ ଦିଆଯାଇଛି । ବିଜେଡି ସରକାର ଅଂହକାରୀ ସରକାର । ସବୁଠି ରଙ୍ଗ ବଦଳାଇଥିଲେ। ଯେଉଁଠି ଯେଉଁଠି ବିଜେଡିକରଣ କରାଯାଇଥିଲା ସେଠି ବଦଳାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।ସୂଚନାନୁସାରେ, ସରକାରୀ ସ୍କୁଲ ଓ ପିଏମ୍ ?ଶ୍ରୀ ସ୍କୁଲର ରଙ୍ଗ ପରିବର୍ତ୍ତନ ନେଇ ଗତ ମାର୍ଚ୍ଚ ୪ରେ ଓଡିଶା ସ୍କୁଲ୍ ଏଜୁକେସନ୍ ପ୍ରୋଗ୍ରାମ୍ ଅଥରିଟି ବା ଓସେପା ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସରକାରୀ ସ୍କୁଲରେ 'ୟୁନିଫର୍ମ କଲର୍' ଆପଣାଇବା ପାଇଁ ସରକାରୀ ଚିଠି ହେବା ସହ 'କଲର୍‌କୋଡ୍' ମଧ୍ୟ ସ୍ଥିର କରାଯାଇଛି ।କେବଳ ଏତିକି ନୁହେଁ ଯେତିକି ନୂଆ କୋଠା ତିଆରି ହେବ ସେଗୁଡିକର ରଙ୍ଗ ମଧ୍ୟ ନୂଆ ରଙ୍ଗ କୋଡ୍ ଅନୁସାରେ ସ୍ଥିର ହେବ । ଏହା ସହ ପୁରୁଣା ସରକାରୀ ସ୍କୁଲ କୋଠାର ମରାମତି ଓ ରକ୍ଷଣାବେକ୍ଷଣା ବେଳେ ତା'ର ରଙ୍ଗକୁ ମଧ୍ୟ ବଦଳାଯିବ । ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଓସେପା ପକ୍ଷରୁ ଚିଠି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।



## ମାଛଧରା ବନ୍ଦରରେ ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ୧୦ ବୋଟ୍

ପାରାଦୀପ,୬।୩(ପି.ଏନ): ପାରାଦୀପସ୍ଥିତ ନେହେରୁ ବଙ୍ଗଳା ମାଛଧରା ବନ୍ଦରରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ୧ ନମ୍ବର ଜେଟିରେ ଥିବା ପିତାମାତାଙ୍କ ଆଶୀର୍ବାଦ ନାମକ ବୋଟରେ ନିଆଁ ଲାଗିବାରୁ ଅନ୍ୟ ବୋଟଗୁଡିକୁ ନିଆଁ ବ୍ୟାପି ଯାଇଥିଲା । ସୌଭାଗ୍ୟବଶତଃ ବୋଟରେ ଥିବା ୭ ଜଣ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗ୍ୟାସ୍ ଟାଙ୍କିରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ବୋଟରେ ଡିଜେଲ ଥିବାରୁ ନିଆଁ ତୀବ୍ର ବେଗରେ ପାଖରେ ଥିବା ବୋଟରେ ଲାଗିଯାଇଥିଲା । ତେବେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।



## ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ

ଭୁବନେଶ୍ୱର,୬।୩(ପି.ଏନ): ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ? ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବୀ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବ ।ସୂଚନା ଅନୁସାରେ ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଗତ ଫେବୃୟାରୀ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ।




## ସରକାରୀ ନିୟମକୁ ଫୁଁ: ନୀଳଗିରି ଅଞ୍ଚଳରେ ବେଧଡ଼କ ଚାଲିଛି ଖଣିଜ ସମ୍ପଦ ଲୁଟ୍

ନୀଳଗିରି,୬।୩(ପି.ଏନ): ନୀଳଗିରିରେ ଚାଲିଛି ବେଧଡ଼କ ଖଣିଜ ସମ୍ପଦ ଲୁଟ୍। ଦିନରାତି ଟ୍ରାକ୍ଟର ଓ ଟ୍ରକରେ ମୋରମ, ପଥର, ବାଲି ଲୁଟ ହେଉଥିବା ଅଭିଯୋଗ ହୋଇଛି । ଯେଉଁଥି ପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି ରାଜ୍ୟ ସରକାର। ଖଣିଜ ସମ୍ପଦ ଲୁଟ୍ କରି ମାଫିଆ ମାନେ ମାଲେମାଲ୍ ହେଉଛନ୍ତି । ସବୁ ଜାଣି ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । କିପରି ମାଫିଆ ମାନେ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଦୀନରାତି ପଥର, ମୋରମ, ବାଲି ଲୁଟ୍ କରୁଛନ୍ତି ।ନିଳଗିରି ଅଞ୍ଚଳରେ ଖଣିଜ ସମ୍ପଦ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି । ଦିନରାତି ଲୁଟ୍ ଚାଲିଛି ମୋରମ, ପଥର, ବାଲି । କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର । ବାଲେଶ୍ୱର ଜିଲ୍ଲାର ନିଳଗିରି ଅଞ୍ଚଳରେ ମୋରମ, ପଥର, ବାଲି, ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଖୋଲା ମାର୍କେଟରେ ଏହାର ଚାହିଦା ମଧ୍ୟ ଭଲ ରହିଛି । ଦିନରାତି ଟ୍ରାକ୍ଟର ଓ ଟ୍ରକ ଲଗାଇ ମୋରୋମ୍, ବାଲି, ପଥର ଚୋରା ଚାଲାଣ କରୁଛନ୍ତି ମାଫିଆ। ପ୍ରଶାସନ ସବୁ ଜାଣି ଆଖିବୁଜି ନୀରବ ଦ୍ରଷ୍ଟା ସାଜିଛି। ନୀଳଗିରି ତହସିଲ ଅଧିନରେ ଥିବା ନରଣପୁର, ଭଉଁରିଆବାଡ଼, ଗରଡ଼ିହି, ବରହମପୁର, ବଉଳଗଡ଼ିଆ ଅଞ୍ଚଳରେ ଦିନରାତି ଶହଶହ ଟ୍ରିପ ମୋରମ ବେଆଇନ ଭାବେ ଚୋରା ଚାଲାଣ ହେଉଛି। ସେହିପରି ସୋନ ନଦୀ ପଠା ନରସିଂହପୁର, କାଠପାଳ, କୁଲ୍ଲାପାଳ, ଡୁମଗଣ୍ଡିରା, ବାଲିପାଳ, କାଂଶ ଅଞ୍ଚଳରେ ବେଆଇନ ଭାବେ ବାଲି ଉତ୍ତୋଳନ ଚାଲିଛି । ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ନୀଳଗିରିବାସୀ ।ନିଳଗିରି ଅଞ୍ଚଳରେ କୌଣସି ଖଣି ଖାଦାନ ଚାଲିବା ପାଇଁ ନିର୍ଦ୍ଦେଶ ନାହିଁ । ସରକାରୀ ନିୟମକୁ ଫୁ କରି ବେଧଡ଼କ ଭାବେ ଖଣିଜ ସମ୍ପଦ ପଥର, ବାଲି ମୋରମ ଲୁଟ୍ କରିଚାଲିଛନ୍ତି । ଖଣିଜ ସମ୍ପଦ ବିଭାଗର ଅଧିକାରୀମାନେ ତଦନ୍ତରେ ଆସୁନାହାହାନ୍ତି । କୌଣସି ଚଢ଼ାଉ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଖଣିଜ ସମ୍ପଦ ଚୋରି ରୋକିବାକୁ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିଥିଲେ । ପ୍ରତିଶୃତି ମିଳିଲା ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । କେଉଁ ଅଦୃଶ୍ୟ ଶକ୍ତି ମାଫିଆଙ୍କୁ ଚୋରାଚାଲାଣ କରିବାରେ ସାହାଯ୍ୟ କରୁଛି ତାକୁ ନେଇ ଏବେ ନୀଳଗିରିରେ ଉଠିଛି ପ୍ରଶ୍ନ । ସେପଟେ ସ୍ୱତନ୍ତ୍ର ଟିମ୍ ଗଠନ କରି ଖଣିଜ ସମ୍ପଟ୍ ଲୁଟ୍ ରୋକାଯିବ ଓ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ହେବ ବୋଲି କହିଛନ୍ତି ବାଲେଶ୍ୱର ଜିଲ୍ଲାପାଳ । ରାଜସ୍ୱ ବିଭାଗ ଠାରୁ ଖଣିଜ ସମ୍ପଦ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର ହେବା ପରେ ନୀଳଗିରିରେ ମାଫିଆମାନେ ସକ୍ରିୟ ହେବାସହ ପ୍ରତିଦିନ ଶହଶହ ଟ୍ରିପ ଚୋରାଚାଲଣ କରୁଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଗ୍ରୁପ୍ 'ବି' ପଦବୀ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୬।୩(ପି.ଏନ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିଛି ।ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ଆଗାମୀ ପରୀକ୍ଷାକୁ ସ୍ଥଗିତ ରଖିଛି, ଯାହା ପ୍ରଥମେ ମାର୍ଚ୍ଚ ୮ ଏବଂ ୯ ରେ ହେବାକୁ ଥିଲା। ଓପିଆରବି କହିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖାଯାଇଛି ।ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା, ଏସବିଆଇ ପିଓ ପ୍ରିଲିମ୍ସ ଏବଂ ଓଡ଼ିଶା ପୁଲିସ ଏସଆଇ ପ୍ରିଲିମ୍ସ, ୮ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା। ଏହା ସହିତ, ଓପିଏସସି ସହକାରୀ କୃଷି ଅଧିକାରୀ (ଏଏଓ) ପରୀକ୍ଷା ଏବଂ ରେଳ ସୁରକ୍ଷା ବଳ (ଆରପିଏଫ) କନଷ୍ଟେବଳ ପରୀକ୍ଷା ଉଭୟ ୯ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା।

## ନୂଆ ସରକାରୀ ବାସଭବନରେ ଗୃହ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୩(ପି.ଏନ): ବଦଳିଲା ମୋହନଙ୍କ ଠିକଣା। ନୂଆ ସରକାରୀ ବାସଭବନରେ ଗୃହ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଗୁରୁବାର ନୂଆ ବାସଭବନକୁ ଯାଇଛନ୍ତି ମୁଖ୍ୟମନ୍ତ୍ରୀ। ଏଣିକି ଏଜିରୁ ରାଜଭବନ ରାସ୍ତାରେ ଥିବା ବାସଭବନରେ ରହିବେ ମୁଖ୍ୟମନ୍ତ୍ରୀ। ପୂଜା ଅର୍ଚ୍ଚନା ପରେ ଗୃହ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମେ ଗୋମାତାଙ୍କ ପ୍ରବେଶ ପରେ ଗୃହ ପ୍ରବେଶ କରିଛନ୍ତି।୨୬ବର୍ଷ ପରେ ସିଏମ କ୍ୱାର୍ଟରରେ ରହିବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ପୂର୍ବରୁ ମୋହନ ମାଝୀ ଗାନ୍ଧୀ ମାର୍ଗ କ୍ୱାର୍ଟରରେ ରହୁଥିଲେ ମୁଖ୍ୟମନ୍ତ୍ରୀ। ନୂଆ ବାସଭବନକୁ ସପରିବାର ଗୃହ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ଶୁଭବେଳା ଅନୁସାରେ ପ୍ରଥମେ ନନ୍ଦା ଏବଂ ନନ୍ଦିନୀ ନାମକ ଦୁଇ ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ୧୦ଟା ୪୭ରେ ମୁଖ୍ୟମନ୍ତ୍ରୀ ଘର ଭିତରକୁ ପ୍ରବେଶ କରିଛନ୍ତି। ପୁରୀରୁ ଆସିଥିବା ୧୧ ଜଣ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ଦିନ ତମାମ ପୂଜାର୍ଚ୍ଚନା ଚାଲିବ। ଏହି ଦୁଇଟି ଗାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସବୁଦିନ ରହିବେ ।ସୂଚନାନୁଯାୟୀ, ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଗିରିଧାରୀ ଗମାଙ୍ଗଙ୍କ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୃତୀୟ ବ୍ୟକ୍ତି ଭାବେ ସିଏମ୍ କ୍ୱାର୍ଟରରେ ରହିବେ। ଦୀର୍ଘ ୨୬ ବର୍ଷ ହେଲା ଏହି ସରକାରୀ ବାସଭବନ ଖାଲି ପଡିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ରହୁଥିଲେ। ଏହି ବାସଭବନ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା। ତେବେ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ଏଠାରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସିଏମ୍ କ୍ୱାର୍ଟରର ମରାମତି କାମ ଆରମ୍ଭ ହୋଇଥିଲା। ଦୀର୍ଘ ୮ ମାସ ଧରି ମରାମତି କାର୍ଯ୍ୟ ଚାଲିଥିଲା। ମରାମତି କାର୍ଯ୍ୟ ଶେଷ ହେବାପରେ ଆଜି ରୀତିନୀତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଗୃହ ପ୍ରବେଶ ହୋଇଛି। ସିଏମ୍ ?ଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଠାରେ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆଗକୁ ଏହିଠାରୁ ମୋହନ ମାଝୀ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିବେ ବୋଲି ସୂଚନା ମିଳିଛି।



# ରାଧିକା ଆପ୍ଟେ

ବଲିଉଡ ଅଭିନେତ୍ରୀ ରାଧିକା ଆପ୍ଟେଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଅଭିନେତ୍ରୀଙ୍କର କିଛି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆ ଆକାଉଂଟରୁ ସେୟାର କରାଯାଇଛି। ଯାହାକୁ ଦେଖିଲା ପରେ ତାଙ୍କ ପ୍ରଶଂସକମାନେ ଚିନ୍ତାରେ ପଡିଛନ୍ତି। କେବଳ ଏତିକି ନୁହେଁ, ସେଲିବ୍ରିଟିମାନେ ମଧ ଅଭିନେତ୍ରୀଙ୍କ ପାଇଁ ଚିନ୍ତିତ। ବାସ୍ତବରେ ଏହି ଅଭିନେତ୍ରୀ ଅନ୍ୟ ଯାତ୍ରୀଙ୍କ ସହ ଏରୋବ୍ରିଜରେ ବନ୍ଦି ହୋଇ ଯାଇଛନ୍ତି। ଏନେଇ ସେ ନିଜେ ଏହି ସୂଚନା ଦେଇଛନ୍ତି। କିଛି ସମୟ ପୂର୍ବରୁ ସେ କରିଥିବା ଏହି ପୋଷ୍ଟ ବର୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ପ୍ରଥମେ ଏକ ଭିଡିଓ ସେୟାର କରିଛନ୍ତି। ଯେଉଁଠାରେ ବିମାନରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ଏହି ଭିଡ଼ରେ ଅନେକ ବୃଦ୍ଧ ବ୍ୟକ୍ତି ମଧ ଅନ୍ତର୍ଭୁକ୍ତ। ଏହା ପରେ ସେ ସେଠାରେ ବସି ସମସ୍ୟାର ସମାଧାନ ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଯାହା ପରେ ଅଭିନେତ୍ରୀ ବହୁତ ରାଗିଯାଇ ଏକ ଲମ୍ବା ନୋଟ୍ ଲେଖି ନିଜର କ୍ରୋଧ ପ୍ରକାଶ କରିଛନ୍ତି। ପ୍ରଶଂସକମାନଙ୍କୁ ସୂଚନା ଦେଇ ସେ ଲେଖିଥିଲେ- 'ମୋତେ ଏହା ପୋଷ୍ଟ କରିବାକୁ ପଡିଲା! ମୋର ବିମାନ ଆଜି ସକାଳ ୮.୩୦ ରେ ଥିଲା। ବର୍ତମାନ ୧୦:୫୦ ହୋଇଛି ଏବଂ ବିମାନଟି ଏପର୍ଯ୍ୟନ୍ତ ବୋର୍ଡ ହୋଇନାହିଁ। କିନ୍ତୁ ବିମାନଟି କହିଛି ଯେ ଆମେ ବୋର୍ଡିଂ କରୁଛୁ ଏବଂ ସମସ୍ତ ଯାତ୍ରୀଙ୍କୁ ଏରୋବ୍ରିଜରେ ବନ୍ଦ କରି ଦିଆଯାଇଛି! ' ସେ ଆହୁରି ମଧ ଲେଖିଛନ୍ତି, 'ଛୋଟ ପିଲା ଏବଂ ବୃଦ୍ଧ ବ୍ୟକ୍ତିଙ୍କ ସମେତ ଯାତ୍ରୀମାନଙ୍କୁ ଏକ ଘଂଟାରୁ ଅଧିକ ସମୟ ଭିତରେ ରଖାଯାଇଥିଲା। ସୁରକ୍ଷା ଦ୍ୱାର ଖୋଲିବ ନାହିଁ। କର୍ମଚାରୀଙ୍କ ବିଷୟରେ କୌଣସି ଧାରଣା ନାହିଁ! ବୋଧହୁଏ ତାଙ୍କ କର୍ମଚାରୀମାନେ ଏପର୍ଯ୍ୟନ୍ତ ବୋର୍ଡ କରାଯାଇ ନାହିଁ। କ୍ରୁକୁ ବଦଳାଯାଇଛି। ସେମାନେ ନୂତନ କ୍ରୁକୁ ଅପେକ୍ଷା କରିଛୁ କିନ୍ତୁ ସେମାନେ କେବେ ପହଞ୍ଚିବେ ସେ ବିଷୟରେ ସେମାନଙ୍କର ଧାରଣା ନାହିଁ। ଏଠାରେ ପାଣି କିମ୍ବା ୱାଶରୁମ ନାହିଁ। ସେମାନେ ଆମକୁ କହିଛନ୍ତି ଯେ ଆମେ ମଧାହ୍ନ ୧୨ ଟା ପର୍ଯ୍ୟନ୍ତ ଏଠାରେ ବନ୍ଦି ହୋଇ ରହିବୁ। ତାଙ୍କ ସହିତ ଘଟିଥିବା ଏହି ଘଟଣା ବିଷୟରେ ସମସ୍ତେ ଜାଣି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।

# ରାମଚରଣଙ୍କୁ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ନିମନ୍ତ୍ରଣ

ସାରା ଦେଶରେ ରାମ ମନ୍ଦିର ବିଷୟରେ ଖୁବ୍ ଚର୍ଚ୍ଚା ହେଉଛି। ବଲିଉଡରୁ ଦକ୍ଷିଣ ପର୍ଯ୍ୟନ୍ତ ତାରକାମାନଙ୍କୁ ଏହି ଉତ୍ସବରେ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଛି। ଏହି ସମୟରେ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ଭାବେ ଜଣାଶୁଣା ଅଭିନେତା ରାମ ଚରଣଙ୍କୁ ମଧ ନିମନ୍ତ୍ରଣ କରାଯାଇଛି। ଅଯୋଧାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ସମାରୋହରେ ରାମ ଚରଣ ଏବଂ ତାଙ୍କ ପତ୍ନୀ ଉପାସନା କୋନିଡେଲାଙ୍କୁ ନିମନ୍ତ୍ରଣ କରାଯାଇଛି। ଆରଏସଏସର ସୁନୀଲ ଆମ୍ବେକରଙ୍କ ଠାରୁ ଏକ ବିଶେଷ ନିମନ୍ତ୍ରଣ କରାଯାଇଛି। କହିବାକୁ ଗଲେ ରାମ ଭକ୍ତଙ୍କ ବ୍ୟତୀତ ଅନେକ ଚଳଚ୍ଚିତ୍ର ତାରକା, ରଜନୈତିକ ନେତା, ଶିଳ୍ପପତି, କ୍ରୀଡା ବ୍ୟକ୍ତିତ୍ୱ ମଧ ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ରାମ ଚରଣ ଏବଂ ତାଙ୍କ ପତ୍ନୀଙ୍କ ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଆରଏସଏସର



ସୁନୀଲ ଆମ୍ବେକର ସେମାନଙ୍କୁ ଅଯୋଧା ରାମ ମନ୍ଦିରରେ ଉତ୍ସବ କରିବାକୁ ନିମନ୍ତ୍ରଣ କରୁଥିବା ଦେଖିବାକୁ ମିଳିଛି। ଏହି ସମୟରେ ରାମ ଚରଣ ଏକ ଧଳା ରଙ୍ଗର ସାର୍ଟ ଏବଂ ବେଜ ରଙ୍ଗର ପ୍ୟାଂଟ ପିନ୍ଧିଛନ୍ତି। ଅନ୍ୟପକ୍ଷରେ, ଉପସାନା ହାଲୁକା ହଳଦିଆ ରଙ୍ଗର ସୁଟ୍ ସାଲୱାରରେ ନଜର ଆସିଛନ୍ତି। ଏହି ସମୟ ମଧରେ ଦମ୍ପତି ବହୁତ ଖୁସି ଦେଖାଯାଉଛନ୍ତି। କହିବାକୁ ଗଲେ ଯେ ଜାନୁଆରୀ ୨୨ ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ସେଲିବ୍ରିଟିମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ସମାରୋହରେ ରଜନୀକାନ୍ତ, ରଣବୀର କପୁର, ଆଲିଆ ଭଟ୍ଟ, ଆୟୁଷ୍ମାନ ଖୁରାନା, କଙ୍ଗନା, ରଣଦୀପ ହୁଡା, ଅଜୟ ଦେବଗନ୍, ଧନୁଷ, ଜ୍ୟାକି ଶ୍ରଫ୍ ଏବଂ ଟାଇଗର ଶ୍ରଫ୍ ଭଳି ଅନେକ କଳାକାର ଅଂଶଗ୍ରହଣ କରୁଛନ୍ତି। ଜାନୁଆରୀ ୨୨ରେ ଏକ ଲକ୍ଷରୁ ଅଧିକ ଭକ୍ତ ଅଯୋଧାକୁ ଆସିବେ ବୋଲି ଆଶା କରାଯାଉଛି। ଏହା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ। ପିଟିଆଇ ରିପୋର୍ଟ ଅନୁଯାୟୀ ନିର୍ମିତ ରାମ ମନ୍ଦିର କମ୍ପ୍ଲେକ୍ସର ଲମ୍ୱ ୩୮୦ ଫୁଟ (ପୂର୍ବ) -ପଶ୍ଚିମ ଦିଗ) ୨୫୦ ଫୁଟ ଓସାର ଏବଂ ୧୬୧ ଫୁଟ ଉଚ୍ଚତା।

# ବିଦେଶୀ ବୟଫ୍ରେଣ୍ଡଙ୍କ ସହ କଙ୍ଗନା

ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱାତଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସବୁ ବେଳେ ଚର୍ଚ୍ଚାରେ ରୁହନ୍ତି। ବୃତିଗତ ହେଉ ବା ବ୍ୟକ୍ତିଗତ ଜୀବନ ପାଇଁ ଅଭିନେତ୍ରୀ ସବୁବେଳେ ଲାଇମ୍ ଲାଇଟ୍‌କୁ ଆସନ୍ତି। ଏଥର କଙ୍ଗନା ତାଙ୍କ ବ୍ୟକ୍ତିଗତ ପାଇଁ ଆଲୋଚନାକୁ ଆସିଛନ୍ତି। ନିକଟରେ କଙ୍ଗନାଙ୍କୁ ମିଷ୍ଟ୍ରିମ୍ୟାନ୍‌ଙ୍କ ସହିତ ଦେଖିବାକୁ ମିଳିଥିଲା। ଯାହାର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଇନଷ୍ଟାଗ୍ରାମର ଏକ ଆକାଉଂଟରେ ପୋଷ୍ଟ ସେୟାର କରାଯାଇଥିଲା। ଏହି ପୋଷ୍ଟରେ ଅଭିନେତ୍ରୀ କଙ୍ଗନା ଜଣେ ବିଦେଶୀ ପୁଅଙ୍କ ସହ ହାତ ଧରିଥିବାର ନଜର ଆସିଛନ୍ତି। ଏହି ପୋଷ୍ଟ ସେୟାର କରିବାବେଳେ କ୍ୟାପସନରେ ଲେଖାଯାଇଛି ଯେ କଙ୍ଗନାଙ୍କୁ ଆଜି ମୁମ୍ବାଇର ସେଲୁନ୍ ବାହାରେ ଦେଖିବାକୁ ମିଳିଥିଲା। ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଦେଖିଲା ପରେ ଜୋରଦାର କମେଂଟ ଆସିବାରେ ଲାଗିଛି। ଏହା ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର୍ସ ଲେଖିଛନ୍ତି, ଏ.. କିଏ? ଅନ୍ୟ ଜଣେ ଲେଖିଛନ୍ତି ଯେ ଉଭୟ ଏକାଠି ଭଲ ଦେଖାଯାଉଛନ୍ତି।





# ୨୨ରୁ ଶାର୍କ ଟ୍ୟାଙ୍କ ଇଣ୍ଡିଆର ସିଜିନ-୩

ଲୋକପ୍ରିୟ ଟିଭି ଶୋ ଶାର୍କ ଟ୍ୟାଙ୍କ ଇଣ୍ଡିଆର ସିଜିନ ୨ ଦର୍ଶକଙ୍କୁ ବହୁତ ପସନ୍ଦ ଆସିଛି। ଏହି ସମୟରେ, ଦର୍ଶକମାନେ ଏହାର ତୃତୀୟ ସିଜିନକୁ ଅପେକ୍ଷା କରିଥିବାବେଳେ ଏହାର ତୃତୀୟ ସିଜିନ ଖୁବଶୀଘ୍ର ଆସିବାକୁ ଯାଉଥିବା ଜଣାପଡ଼ିଛି। ବାସ୍ତବରେ ପ୍ରଶଂସକମାନେ ଉତ୍ସାହର ସହିତ ଶାର୍କ ଟ୍ୟାଙ୍କ ଇଣ୍ଡିଆ ସିଜିନ ୩କୁ ଅପେକ୍ଷା କରିଛନ୍ତି। ଏହି ସୋ' ଜାନୁୟାରି ୨୨, ୨୦୨୪ରୁ ଆରମ୍ଭ ହେବାକୁ ଯାଉଛି। ସୋ' ସୋନି ଲାଇଭ୍ ଆପ୍ ରେ ପ୍ରସାରଣ ହେବ। ସୋ'ର ନୂଆ ପ୍ରୋମୋ ସହିତ ସୋନି ଲିଭ୍ ଆପ୍ ଦ୍ୱାରା ଏହି ସୂଚନା ଟ୍ୱିଟ୍ କରାଯାଇଛି। ଏହି ପ୍ରୋମୋ ଭିଡିଓରେ ଦର୍ଶାଯାଇଛି ଯେ ଜଣେ ଯୁବକ ଅଛନ୍ତି ଯିଏ ତାଙ୍କ କର୍ପୋରେଟ୍ ଚାକିରି ଛାଡି ଷ୍ଟାର୍ଟଅପ୍ ଯାତ୍ରା ଆରମ୍ଭ କରୁଛନ୍ତି। ତାଙ୍କର ସମସ୍ତ ସାଙ୍ଗମାନେ ତାଙ୍କୁ ବିଦାୟ ଦେଉଛନ୍ତି। ପ୍ରୋମୋ ଶେଷରେ ସେ ଯୁବକ ସାର୍କମାନଙ୍କ ନିକଟକୁ ଯାଇ ନିଜର ବ୍ୟବସାୟିକ ଧାରଣା ଉପସ୍ଥାପନ କରନ୍ତି । ପ୍ରୋମୋ ବହୁତ ମଜାଦାର ହୋଇଥିବାବେଳେ ଏହି ପ୍ରୋମୋ ସହିତ, ଶାର୍କ ଟ୍ୟାଙ୍କର ଏହି ସିଜିନ ମଧ ବହୁତ ମଜାଦାର ଏବଂ ଭିନ୍ନ ହେବାକୁ ଯାଉଛି ।

# ନିଆରା ଲଭଷ୍ଟୋରୀ 'ମେରୀ ଖ୍ରୀଷ୍ଟମାସ'

ଗୋଟିଏ ରାତି, ଦୁଇ ଅପରିଚିତ ବ୍ୟକ୍ତି। ଗୋଟିଏ ହତ୍ୟା ଓ ଚାରିପାଖରେ ସସପେନ୍ସ। ଫିଲ୍ମ 'ଅନ୍ଧାଧୂନ' ପରେ ନିର୍ଦ୍ଦେଶକ ଶ୍ରୀରାମ ରାଘବନ୍ ଦର୍ଶକଙ୍କୁ ଭେଟି ଦେଇଛନ୍ତି ଫିଲ୍ମ 'ମେରୀ ଖ୍ରୀଷ୍ଟମାସ'। ଏହା ହେଉଛି ମାରିଆ ଏବଂ ଆଲବର୍ଟଙ୍କ କାହାଣୀ। ଆଉ ମେରିଆ ଓ ଆଲବର୍ଟ ଚରିତ୍ରରେ ନଜର ଆସିଛନ୍ତି କ୍ୟାଟ୍ରିନା ଓ ସାଉଥ ଆକ୍ଟର ବିଜୟ ସେତୁପତି। କାହାଣୀ ଦୁଇ ଅପରିଚିତ ବ୍ୟକ୍ତି ଗୋଟିଏ ରାତିରେ ଭେଟନ୍ତି। ରାତି ଯେତିକି ଆଗକୁ ବଢେ ସେମାନଙ୍କ ମଧରେ ରୋମାନ୍ସ ଏବଂ ଏହି କାହାଣୀର ସସପେନ୍ସ ଗଭୀର ହୁଏ। 'ମେରୀ ଖ୍ରୀଷ୍ଟମାସ'ର କାହାଣୀ ଅର୍ଜିତ ବିଶ୍ୱାସ ଏବଂ ପୂଜା ଲଦା ସୁରତିଙ୍କ ସହ ନିର୍ଦ୍ଦେଶକ ଶ୍ରୀରାମ ରାଘବନ ଲେଖିଛନ୍ତି। ପ୍ରକୃତରେ ଭଲ ଲେଖା କ'ଣ ଏହି ଚଳଚ୍ଚିତ୍ର ହେଉଛି ତାହାର ଭଲ ଉଦାହରଣ। ସ୍କ୍ରିନ-ପ୍ଲେ ଆପଣଙ୍କୁ ଏମିତି, ତୁମେ କ୍ଲାନ୍ତ ହେବାକୁ ସୁଯୋଗ ପାଇବନି। କ୍ୟାଟ୍ରିନା ଏବଂ ବିଜୟ ସେତୁପଥୀଙ୍କ ବ୍ୟତୀତ ଲେଖକ ଫ୍ରେଡେରିକ୍ ଡାର୍ଡଙ୍କ ଲେ ମୋଂଟେ-ଚାର୍ଜ ପୁସ୍ତକ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଅନେକ ସହାୟକ ଚରିତ୍ର ରହିଛି। କିନ୍ତୁ ସେହି ସମୟରେ ଶ୍ରୀରାମ ରାଘବନ୍ ଚରିତ୍ର ପରି ଜିନିଷଗୁଡିକ ବ୍ୟବହାର କରିଛନ୍ତି। ରାଘବନ୍ ତାଙ୍କ ଚଳଚ୍ଚିତ୍ରରେ ହିନ୍ଦୀ ଚଳଚ୍ଚିତ୍ରକୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାଗ୍ୟ ଯାଂଚ ଯନ୍ତ୍ରରୁ ରାଜେଶ ଖାନ୍ନାଙ୍କ କାର୍ଡ ପରି ଅମିତାଭ ବଚ୍ଚନଙ୍କ କ୍ରୋଧିତ ଯୁବକ ରାସ୍ତାରେ ଦେଖାଯାଇଥିବା କାଟି ଦେଇଥିଲେ। ଚଳଚ୍ଚିତ୍ରର ଏକ ବଡ଼ ଦୃଶ୍ୟରେ ୧୯୭୩ ଚଳଚ୍ଚିତ୍ର 'ରାଜା ରାନୀ'ର ଜବ୍ ଅନ୍ଧେରା ହୋତା ହୈ ଆଧାର ରାତ କି ବାଦ୍ ଗୀତ ପରିବେଷଣ କରାଯାଇଛି। ଏହି ସମସ୍ତ ଉପାଦାନ ଏହି ଚଳଚ୍ଚିତ୍ରକୁ ମଜାଳିଆ କରିଥାଏ। ପୁରୁଣା ସମୟକୁ ମଧ ମନେ ପକାଇଛନ୍ତି।






# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ



ବିହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ।

ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୂଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।



ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ



ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ




ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା




ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ୍ୟ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ୍ୟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଙ୍ଘନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍‌ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଓଡିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ ତାରିଖ ଶନିବାର ଜାରକାସ୍ଥିତ ସିଭିକ ସେଂଟରଠାରେ ଅନୁଷ୍ଠିତ ହେବ। ଏଥିନେଇ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ଥର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ସରୋଜକାନ୍ତ ପରିଜାଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ବନ୍ଥପଲ୍ଲୀ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚ୍ନଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କାମିନୀ ନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ରୂପେ ୯ନଂ ଜୋନ ଜିଲ୍ଲା ପରିଷଦ ମମତା ଦାସ ,୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶିବାନୀ ସେଠି, ସମିତି ସଭ୍ୟସୁନିତା ନାୟକ , ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମିଶ୍ର,ହର୍ଟିକଲଚ଼ର୍ ରାକେଶ ରୋଶନ ବେହେରା, କନିଷ୍ଠ ଯନ୍ତ୍ରୀ, ନାୟବ ସରପଞ୍ଚ କୃଷ୍ଣ ସ୍ୱାଇଁ,ଯୋଗାଣ ସହାୟକ ଅଟଳ ବିହାରୀ ପ୍ରଧାନ , ପିଇଓ ସ୍ମୃତି ପ୍ରିୟ ବେହେରା, ଜିଆରଏସ ନାଗେଶ୍ୱରୀ ଆଚ଼ାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ ଭିତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିସ୍ତୃତ ଆଲୋଚ଼ନା କରିବା ସହ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଂଯୋଗୀକରଣ ଓ ଭିତିଭୂମି ର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟ ଭିତିଭୂମିର ବିକାଶ, ପରିବହନ ବ୍ୟବସ୍ଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ମୋ ଘର ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା ।ଏଥିରେ ଅନ୍ୟତମ ଅତିଥି ରୂପେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି , ବାଲିପଡ଼ା ସରପଞ୍ଚ ଲକ୍ଷ୍ମୀ ସେଠି, ରୋହିଗାଁ ସରପଞ୍ଚ ବଶିଷ୍ଟ ଜେନା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,ବାଘଲଟି ସରପଞ୍ଚ ମାମି ସାସମଲ ଙ୍କ ସହ ସରପଞ୍ଚ ପ୍ରତିନିଧି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ନିଖୋଜ ନାବାଳକର ଝୁଲନ୍ତା ମୃତ ଦେହ ଠାବ, ହତ୍ୟା ନା ଆତ୍ମହତ୍ୟା ଅସ୍ପଷ୍ଟ



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ଆମଜୋର ଗାଁରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଦଶମ ଶ୍ରେଣୀ ପଢୁଥିବା ଜନୈକ ନାବାଳକ ଙ୍କ ମୃତ ଦେହ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ସୂଚ଼ନା ଅନୁଯାୟୀ ଗାଁ ର ଅର୍ଜୁନ ରାଉତ ଙ୍କ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ପୁଅ ପଦ୍ମଲୋଚ଼ନ ରାଉତ(୧୬) ବୁଧବାର ଅପରାହ୍ନରୁ ଅପରାହ୍ନ ନିଖୋଜ ଥିଲେ। ପରିବାରଲୋକେ ବହୁତ ଖୋଜା ଖୋଜି କରି ପାଇ ନଥିଲେ । ଏ ସମ୍ପର୍କରେ ଗୁରୁବାର ଅର୍ଜୁନ ତାଙ୍କ ପୁଅ ନିଖୋଜ ଥିବା ନେଇ କଲମପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ । କିନ୍ତୁ ଅପରାହ୍ନ ୩ ଟା ସମୟରେ ଆମଯୋର ଡ଼ଙ୍ଗରିଗୁଡ଼ା ବୁଢ଼ାରଜା ଜଙ୍ଗଲର ଏକ ଗଛରେ ମୃତ ଦେହ ଝୁଲୁଥିବା ନେଇ ଜଣାପଡିଥିଲା। ଖବର ପାଇ ଘର ଲୋକେ ମୃତ ଦେହ ପାଖରେ ପହଂଚ଼ି ଚ଼ିହ୍ନଟ କରିଥିଲେ। କଲମପୁର ଥାନା ଅଧିକାରୀ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଆସନ୍ତା କାଲି ସାଇଫିଣ୍ଟିକ ଟିମ ଆସିବା ପରେ ମୃତ ଦେହକୁ ଉଦ୍ଧାର କରି ବ୍ୟବଛେଦ କରାଯିବ ବୋଲି ଆଇଆଇସି ନୀଳାମ୍ବର ଯାନୀ ସୂଚ଼ନା ଦେଇଛନ୍ତି । ଘଟଣା ସ୍ଥଳରେ ପୁଲିସ ଏବଂ ସମ୍ପର୍କୀୟ ମାନେ ଜଗି ରହିଛନ୍ତି । ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାତାହା ସ୍ପଷ୍ଟ ହୋଇନାହିଁ ।

# ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼ ?ମୀରେ ଆୟୋଜିତ ହୋଇଯାଇଛି। ଲୋହିଆ ଏକାଡ଼ ?ମୀ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ସଭାରେ ପ୍ରଫେସର ବିରେନ୍ଦ୍ର ନାୟକ ମୁଖ୍ୟ ଆଲୋଚ଼କ ଭାବେ ଯୋଗ ଦେଇଥିଲେ। ସମଦୃଷ୍ଟି ସମ୍ପାଦକ ସୁଧିର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଲୋଚ଼ନାର ବିଷୟ ଥିଲା 'ଭାରତରେ ସମାଜବାଦର ଭବିଷ୍ୟତ'। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଶ୍ରୀ ସୁଧିର ପଟ୍ଟନାୟକ ପ୍ରଖର ସମାଜବାଦୀ ଚ଼ିନ୍ତକ ରବି ରାୟଙ୍କ ବିଷୟରେ ସମ୍ୟକ ସୂଚ଼ନା ଦେବା ସହ ସମାଜବାଦ ବିଷୟକ ଆଲୋଚ଼ନା ଯେଉଁ ସମୟରେ କରାଯାଉଛି ସେହି ସମୟର ରାଜନୈତିକ ଓ ସାମାଜିକ ପରିସ୍ଥିତି ଉପରେ ସମ୍ୟକ ସୂଚ଼ନା ପ୍ରଦାନ କରିଥିଲେ।
ପ୍ରଫେସର ବିରେନ୍ଦ୍ର ନାୟକ ଭାରତରେ ସମାଜବାଦର ଇତିହାସ ଆଲୋଚ଼ନା କରିବା ବେଳେ ସେ ସମୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବୀ ଦିଗଗୁଡିକୁ ସୂକ୍ଷ୍ମତାର ସହ ବାଖ୍ୟା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସମାଜବାଦ ପ୍ରତି ଦୃଷ୍ଟିକୋଣ ଉପରେ ଆଲୋଚ଼ନା କରି ନିଜର ଆଲୋଚ଼ନାରେ ନେହେରୁଙ୍କ ବିଚ଼ାର, ଲୋହିଆଙ୍କ ବିଚ଼ାର ଆଲୋଚ଼ନା ସହ ଭାରତରେ ପରିବର୍ତ୍ତିତ ରାଜନୀତିରେ ସମାଜବାଦର ରୂପ ଓ ସମ୍ବିଧାନରେ ତାହାର ପ୍ରତିଫଳନ ଉପରେ ସୂଚ଼ନା ପ୍ରଦାନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଜିର ଶାସନ କଳ ମଧ୍ୟ ଜାତି, ଧର୍ମ ଆଧାରରେ ଭାରତର ସମ୍ବିଧାନର ଆତ୍ମା ସମାଜବାଦକୁ କବର ଦେବାରେ ଲାଗିଛନ୍ତି। ତେଣୁ ସମାଜବାଦ ବିନା ଭାରତର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଚ଼ାଲିଯିବ। ସମାଜବାଦ ଉପରେ ପ୍ରଫେସର ନାୟକଙ୍କ ଆଲୋଚ଼ନା ବେଶ ଚ଼ିନ୍ତା ଉଦ୍ଦିପକ ଥିଲା। ପ୍ରଫେସର ନାୟକଙ୍କ ବକ୍ତବ୍ୟ ପରେ ପ୍ରଫେସର ନୀଳମଣି ସାହୁ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟନାୟକ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ରବି ବେହେରା, ଏନ. ନାରାୟଣ ରେଡ୍ଡୀ, ଡ଼. ସୁମିତ୍ରା ପଟେଲ, ବିଘ୍ନେସ୍ୱର ସାହୁ, ସ୍ୱୟଂପ୍ରଭା ପାତ୍ରୀ, ଗୋ ?ରାଙ୍ଗ ମହାପାତ୍ର, ବିପିନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସାମାଜିକ କର୍ମୀ, ଲୋହିଆବାଦୀ, ରାଜନୈତିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲୋହିଆ ଏକଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରବି ରାୟଙ୍କ ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚ଼ାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା । ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚ଼ାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ । ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼ ?, ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ, ବ୍ରହ୍ମା ମିଶ୍ର, ନାରୀ ନେତ୍ରୀ ଡଃ ଚ଼ିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚ଼ାର୍ଯ୍ୟ ଶୈଳେଶ ତିୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।
ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରାଯାଇଥାଏ । ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚ଼ାର, ଆଧ୍ୟାତ୍ମିକ ପ୍ରବଚ଼ନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡାନ୍ତ କରାଯାଇଥିଲା । ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।
ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା । ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ୱାବଧାନରେ ସୁରମହ୍ଲାର ଗ୍ରୁପ, ଚ଼ାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି , ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚ଼ଞ୍ଚଲ , ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ରିତା ଚ଼ତୁର୍ବ ?ଦି, ବିଜୟ ଶର୍ମା, ମୋମାର ବିଶ୍ଣୁ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚ଼କ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।
ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୂଚ଼ାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚ଼ାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday March 7 | ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

# କଳାହାଣ୍ଡି ବିକଶିତ ଭାରତ କେନ୍ଦ୍ର ଓ ରାଜ୍ୟ ବଜେଟ ନେଇ ବିଜେପି ର ସାମ୍ବାଦିକ ସମ୍ମିଳନୀ

ଭବାନୀପାଟଣା,(ପି.ଏନ): କଳାହାଣ୍ଡି ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ପାଇଁ ବିଜେପି ସରକାର ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଙ୍ଗଲ, ପରିବେଶ ଓ ଶ୍ରମ ମନ୍ତ୍ରୀ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ସରକାର ଲକୋଙ୍କ ସରକାର ବୋଲି କହିଛନ୍ତି ।ରାଜ୍ୟ ବଜେଟ ରେ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ୨୦୨୫-୨୬ ପାଇଁ ବ୍ୟୟ ବରାଦ କରାଯାଇଛି ।ଯାହା ସିଧାସଳଖ ଲକୋଙ୍କ କାର୍ଯ୍ୟ ରେ ଆସିବ ।ବିଭିନ୍ନ ବିଭାଗ ଜରିଆରେ ଏହି ବଜେଟ ଖର୍ଚ୍ଚ ହେବ ଏବଂ ଅଞ୍ଚଳ ର ବିକାଶ ହେବ ।ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ ,ମହିଳା ସୁରକ୍ଷା ,ଦୁର୍ଗମ ଅଞ୍ଚଳରେ ଥିବା ଲକୋଙ୍କ ବିକାଶ



ପାଇଁ ଖର୍ଚ୍ଚ ହେବ ।ଏହି ସରକାର ଯୋଜନା କେମିତି ତଳ ସ୍ତରରେ ପହଂଚିବ ତାହା ନେଇ ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବଜେପ ସଭାପତ ଯୁଗଳ କିଶୋର ପୋଢ଼,ସାଂସଦ ମାଳବିକା ଦେଓ,ରାଜ୍ୟ ସଭା ସାଂସଦ ସୁଜିତ କୁମାର,ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ,ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଓ ଅନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସାହିତ୍ୟ ଏକାଡେମୀ ଷ୍ଟଲ ପରିଦର୍ଶନ

ନୂଆଦିଲ୍ଲୀ,(ପି.ଏନ): ରାଷ୍ଟ୍ରପତି ଭବନରେ ଆୟୋଜିତ 'ବିବିଧତାର ଅମୃତ ମହୋତ୍ସବ'ର ଦ୍ୱିତୀୟ ସଂସ୍କରଣକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗତକାଲି ଉଦଘାଟନ କରିଛନ୍ତି ।ଏହି ବାର୍ଷିକ ସାଂସ୍କୃତିକ ମହୋତ୍ସବରେ ବିଭିନ୍ନ ଅଞ୍ଚଳର ଅନନ୍ୟ ପରମ୍ପରା ଓ ଐତିହ୍ୟ ପ୍ରଦର୍ଶନ କରାଯାଇଥାଏ । ଏଥର ଅମୃତ ମହୋତ୍ସବରେ କର୍ଣ୍ଣାଟକ, କେରଳ, ତାମିଲନାଡୁ, ତେଲେଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ସହିତ କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀର ସାଂସ୍କୃତିକ ଐତିହ୍ୟ ବିଷୟରେ ଜାଣିବାର ସୁଯୋଗ ରହିଛି । ଏହି ଅବସରରେ ମହାମହିମ ରାଷ୍ଟ୍ରପତି କହିଥିଲେ ଯେ ପ୍ରାୟ ୫୦୦ କାରିଗର ଏବଂ ବୁଣାକାର ଏହି ମହୋତ୍ସବରେ ଅଂଶଗ୍ରହଣ କରୁଥିବାରୁ ସେ ଖୁସି । ସେ ଦକ୍ଷିଣ ଭାରତୀୟ ଭାଷାରେ ପ୍ରକାଶିତ ଏବଂ ହିନ୍ଦୀ ଓ ଇଂରାଜୀରେ ଅନୂଦିତ ପୁସ୍ତକକୁ ନେଇ ସାହିତ୍ୟ ଏକାଡେମୀ



ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ରାଷ୍ଟ୍ରପତିଙ୍କୁ ସାହିତ୍ୟ ଏକାଡେମୀର ସଚିବ ଶ୍ରୀଯୁକ୍ତ କେ. ଶ୍ରୀନିବାସ ରାଓ ଏହି ପ୍ରଦର୍ଶନୀ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ଅବସରରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଉପସ୍ଥିତ ଥିଲେ । ଏହି ମହୋତ୍ସବ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ସକାଳ ୧୦ରୁ ରାତି ୮ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି ।

## ପଦାଧିକାରୀଙ୍କ ସେବାରେ ସିଆରସିସି

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକର ୧୮ଟି କ୍ଲଷ୍ଟରରେ କାର୍ଯ୍ୟ କରୁଥିବା ସିଆରସିସି ମାନଙ୍କର କାର୍ଯ୍ୟକାଳ ଦୀର୍ଘଦିନ ହେଲା ଶେଷ ହୋଇଥିଲେ ମଧ୍ୟ ଶିକ୍ଷା ବିଭାଗ ତରଫରୁ ଅଦ୍ୟାବଧି ନୂତନ ସିଆରସିସି ନିଯୁକ୍ତି ଦିଆଯାଇନଥିବା ବେଳେ ମାହାଙ୍ଗା ବ୍ଲକରେ ଯେଉଁ କେତେ ଜଣ ପୁରୁଣା ସିଆରସିସି ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କର କ ର୍ତବ୍ୟ ସଂପାଦନରେ ଅବହେଳା ପ୍ରଦର୍ଶନ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ନିୟମାନୁସାରେ ସିଆରସିସିମାନେ ନିଯୁକ୍ତି ପାଇଥିବା ମୂଳ ବିଦ୍ୟାଳୟରେ ୪ଟି ପିରିୟଡ୍ ପାଠ ପଢାଇବା ପରେ ଅନ୍ୟ ବିଦ୍ୟାଳୟ ପରିଦର୍ଶନ ସହ ଅଫିସ କାର୍ଯ୍ୟ ସଂପାଦନ କରିବେ । ଅପରପକ୍ଷରେ ଦେଖାଯାଉଛି ଯେ ସିଆରସିସିମାନେ ନିଜ କ ର୍ତବ୍ୟରେ ଅବହେଳା କରି ପୂର୍ଣ୍ଣ ସମୟ ଉପରିସ୍ଥ ଅଧିକାରୀଙ୍କ ସେବାରେ ନିଜକୁ ନିୟୋଜିତ କରୁଥିବା ଅଭିଯୋଗ ସାଧାରଣରେ ହେଉଛି । ଏପରିକି କେତେକ ସିଆରସିସି ଅନଧିକାର ଭାବରେ କ୍ଲଷ୍ଟରକୁ ଯାଇ ବିଦ୍ୟାଳୟ ପରିଦର୍ଶନ ନାମରେ କାଗଜପତ୍ର ତନଖି କରୁଥିବା କେତେକ ଶିକ୍ଷକ ନିଜର ନାମକୁ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## କାମେଶ୍ୱର ମନ୍ଦିରରୁ ରାଧାକୃଷ୍ଣ ଓ ହରଗୌରୀ ପ୍ରତିମା ଚୋରୀ ଅଭିଯୋଗ

ମାହାଙ୍ଗା : ମାହାଙ୍ଗା ବ୍ଲକ ଅଧିନସ୍ଥ ଗୋତରା ପଂଚାୟତସ୍ଥ ପ୍ରହରାଜପୁର ଗ୍ରାମର ଆରାଧ ଶୈବ ମନ୍ଦିର ଶ୍ରୀ ଶ୍ରୀ କାମେଶ୍ୱର ମନ୍ଦିରରେ ମନ୍ଦିର ପ୍ରତିଷ୍ଠା ଦିନଠାରୁ ଶିବ ପାର୍ବତୀଙ୍କ ସମେତ ରାଧାକୃଷ୍ଣ ଓ ହରଗୌରୀଙ୍କ ୪ଟି ପି ଳ ପ୍ରତିମା ସର୍ବଦା ପୂଜା ହୋଇ ଆସୁଥିଲା । କିନ୍ତୁ ଗତ ତା.୫.୩.୨୦୨୫ ରିଖ ଦିବା ୧ ଘଟିକା ୩. ମିନିଟ୍‌ରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଉକ୍ତ ୪ଟି ପି ଳ ପ୍ରତିମା ଯାହାର ଓଜନ ୩୦ କିଗ୍ରାରୁ ଉର୍ଦ୍ଧ୍ୱ ହେବ ତାହା ଚୋରୀ ହୋଇଯାଇଛି । ମନ୍ଦିରର ପୂଜକ କିମ୍ବା କୌଣସି ଭକ୍ତ ନଥିବା ସମୟରେ କୌଣସି ଅଜଣା ଚୋର ମନ୍ଦିର ଭିତରେ ପ୍ରବେଶ କରି ଉପରୋକ୍ତ ମୂ ର୍ତ୍ତୀମାନଙ୍କୁ ସିଂହସନ ଉପରୁ ଚୋରୀ କରିନେଇଯାଇଛି । ସଂଧ୍ୟା ସମୟରେ ମନ୍ଦିରର ନିତ୍ୟ ପୂଜକ ହେମନ୍ତ କୁମାର ଷଡଙ୍ଗୀ ସଂଧ୍ୟା ଆଳତୀ କରିବାକୁ ଗଲା ବେଳେ ସିଂହାସନରେ ମୂ ର୍ତ୍ତୀମାନଙ୍କୁ ନଦେଖି କାମେଶ୍ୱର ମନ୍ଦିର ପରିଚାଳନା ପରିଷଦର କର୍ମକ ର୍ତ୍ତାମାନଙ୍କୁ ଅବଗତ କରାଇବାରେ କର୍ମକ ର୍ତ୍ତାମାନେ ଖୋଜାଖୋଜି କରି ଶେଷରେ ନିରାଶ ହୋଇଥିଲେ । ଗ୍ରାମର କିଛି ଲୋକଙ୍କ ମତରେ ଦିନବେଳା ଲୁଗା ବିକାଳୀ ଫେରିବାଲା ମନ୍ଦିର ବେଢାରେ ବିଶ୍ରାମ ନେଇ ପରବ ର୍ତ୍ତୀ ଅବସ୍ଥାରେ ଚୋରୀ କରିଥିବାର ସନ୍ଦେହ ହୋଇଅଛି । ପ୍ରକାଶ ଥାଉ କି ପ୍ରାୟ ୧ ବର୍ଷ ମଧ୍ୟରେ ପୂର୍ବରୁ ଏହି ମନ୍ଦିରର ଗ୍ରୀଲ୍ ଗେଟ୍ କାଟି ଦୁଇଥର ଦାନ ବାକ୍ସ ଭାଙ୍ଗି ହୁଣ୍ଡିରୁ ଚୋରୀ ହେବା ଘଟଣା ନଯାଉଣୁ ଆସନ୍ନ ଦୋଳପର୍ବ ପୂର୍ବରୁ ପ୍ରତିମା ଗୁଡିକର ଚୋରୀ ହେବା ଗ୍ରାମବାସୀଙ୍କୁ ଗଭୀର ଦୁଃଖ ଦେଇଛି । ଏ ନେଇ କାମେଶ୍ୱର ମନ୍ଦିର ପରିଚାଳନା ପରିଷଦର କୋଷାଧ୍ୟକ୍ଷ ନିରଞ୍ଜନ ପାତ୍ର ସ୍ଥାନୀୟ ଭଦ୍ରେଶ୍ୱର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଇତି ମଧ୍ୟରେ ଅଭିଯୋଗକୁ ଭି ତ୍ତି କରି ଥାନା ଅଧିକାରୀ ପ୍ରାଥମିକ ତଦନ୍ତ ପୂର୍ବକ ମନ୍ଦିର ପରିସରକୁ ଆସି ପଚରା ଉଚରା କରି ଯାଇଛନ୍ତି ।

## ବିଜୁ ବାବୁଙ୍କ ପ୍ରତିମୂ ର୍ତ୍ତୀରୁ ମୁଣ୍ଡକାଟ ଘଟଣାରେ ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ

ମାହାଙ୍ଗା ୬.୩ : ମାହାଙ୍ଗା ବ୍ଲକ ଉମର ପଂଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିର ନିକଟରେ ଥିବା ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀର ଦିନକ ପୂର୍ବରୁ ତାଙ୍କ ପ୍ରତିମୂ ର୍ତ୍ତୀରୁ ମଣ୍ଡକାଟ୍ କରି ଦିଆଯାଇଥିଲା । ଏହି ଘଟଣାର ତଦନ୍ତ କରି ଭଦ୍ରେଶ୍ୱର ଥାନା ପୋଲିସ ବଡ ସଫଳତା ହାସଲ କରିଛନ୍ତି । ଘଟଣାର ୨୪ ଘ । ନପରୁଣୁ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଭଦ୍ରେଶ୍ୱର ଥାନା ଅଭିଯୋଗ ହୋଇଥିଲା । ଥାନା କେଶ୍ ନଂ ୩୮/୨୫ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିଲା । ସୂଚନାରୁ ପ୍ରାପ୍ତ ଯେ କିଛି ଦୁର୍ବୃ ବିଜୁ ବାବୁଙ୍କ ପ୍ରତିମୂ ର୍ତ୍ତୀରୁ ମୁଣ୍ଡ କାଟି ନେଇଥିଲେ । ଖବର ପାଇ ଗ୍ରାମାଂଚଳ ଏସ୍‌ପି ପ୍ରତୀକ ସିଂହଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଘଟଣାରେ ପୋଲିସ ସିସିଟିଭ୍ ଫୁଟେଜକୁ ଆଧାର କରି ସାଲେପୁର ଏସ୍‌ଡିପିଓ ବିର ନାରାୟଣ ପତି, ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂହ, ଏଏସ୍ ଆଇ ପ୍ରୀତିରଂଜନ ରାୟ ପ୍ରମୁଖ ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଂଚଳରୁ ୩ ଜଣ ଦୁର୍ବୃ କୁ ଧରିବାରେ ସକ୍ଷମ ହୋଇଥିଲେ । ଧରାପଡିଥିବା ଦୁର୍ବୃ ମାନେ ହେଲେ ଉମର ଗ୍ରାମର ବିଶ୍ୱଜିତ୍ ମହାପାତ୍ର(ବୁବୁଆ) ୪୬ବର୍ଷ, ନନ୍ଦକିଶୋର ମଲିକ (୩୩) ,ବିଶ୍ୱଜିତ୍ ମହାପାତ୍ର(ରାଜା) ୩୪ବର୍ଷଙ୍କୁ ଗିରଫ କରି ଗତ ୫ ତାରିଖ ସଂଧ୍ୟାରେ କୋର୍ଟ ଚାଲାଣ କରିଥିଲେ । ଏହା ଭଦ୍ରେଶ୍ୱର ଥାନା ଅଧିକାରିଣୀଙ୍କ ବଡ ସଫଳତା ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ବିଜୁ ବାବୁଙ୍କ ମୂ ର୍ତ୍ତୀରୁ ମଣ୍ଡ କାଟର ମୁଖ୍ୟ ରହସ୍ୟ ତାହା ଲୋକଲୋଚନକୁ ଆସିପାରିନଥିବା ବେଳେ ଏହାକୁ ନେଇ ରାଜ୍ୟରେ ରାଜନୀତି ଏବେ ଯୋରଦାର ଧରିଛି ।

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପଶୁ ସଂରକ୍ଷଣ କେନ୍ଦ୍ର 'ବନ୍ତାରା' ଉଦଘାଟିତ

ଜାମନଗର, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ଗୁଜରାଟର ଜାମନଗରରେ ଅବସ୍ଥିତ ପଶୁ ସଂରକ୍ଷଣ କେନ୍ଦ୍ର 'ବନ୍ତାରା'ର ଉଦଘାଟନ କରିଛନ୍ତି । ବନ୍ତାରା ହେଉଛି ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଉତ୍ସର୍ଗୀକୃତ ଏକ କେନ୍ଦ୍ର । ପ୍ରଧାନମନ୍ତ୍ରୀ ୩,୦୦୦ ଏକର ପରିମିତ ବନ୍ତାରାରେ ବେଶ କିଛି ସମୟ ବିତାଇଥିଲେ ଏବଂ ପଶୁମାନଙ୍କ ପାଇଁ ସେଠାରେ ନିର୍ମିତ ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ । ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ଉଦ୍ୟମରେ ବନ୍ତାରା ନିର୍ମାଣ କରାଯାଇଛି ।ବନ୍ତାରାରେ ପହଞ୍ଚିବା ପରେ, ଅମ୍ବାନୀ ପରିବାର ପ୍ରଧାନମନ୍ତ୍ରୀଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରିଥିଲେ । ଶଙ୍ଖ ଧ୍ୱନି, ମନ୍ତ୍ର ଉଚ୍ଚାରଣ ଏବଂ ଲୋକ କଳାକାରଙ୍କ ଗୀତ-ସଂଗୀତ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ତାରାର ଉଦଘାଟନ କରିଥିଲେ । ନରେନ୍ଦ୍ର ମୋଦି ମଧ୍ୟ ଏହି ପରିସରରେ ନିର୍ମିତ ମନ୍ଦିରରେ ଅନୁଷ୍ଠିତ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ବନ୍ତାରାରେ ପ୍ରାଣୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ମଲ୍ଟି-ସ୍ପେଶାଲିଟି ହସ୍ପିଟାଲର ନିରୀକ୍ଷଣ କରିବା ସମୟରେ, ପ୍ରଧାନମନ୍ତ୍ରୀ ଡାଏଗ୍ନୋଷ୍ଟିକ୍ ସୁଟ୍‌ରେ ସିଟି ସ୍କାନ, ଏମଆରଆଇ, ଅଲ୍ଟ୍ରାସାଉଣ୍ଡ ଏବଂ ଏଣ୍ଡୋସ୍କୋପି ଭଳି ସ୍ୱତନ୍ତ୍ର ଚିକିତ୍ସା ଉପକରଣର ଲାଇଭ୍



ପ୍ରଦର୍ଶନ ଦେଖିଥିଲେ । ସେ ପଶୁମାନଙ୍କ ପାଇଁ ନିର୍ମିତ ଆଇସିୟୁ ଏବଂ ଅପରେସନ ଥିଏଟର ପ୍ରତି ମଧ୍ୟ ଆଗ୍ରହ ଦେଖାଇଥିଲେ । ନିକଟରେ ଜନ୍ମ ନେଇଥିବା ନବଜାତ ପଶୁ ଶାବକଙ୍କ ପାଇଁ ବନ୍ତାରାରେ ଏକ ନର୍ସରୀ ମଧ୍ୟ ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ବନ୍ତାରାରେ କାର୍ଯ୍ୟରତ କର୍ମଚାରୀଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମର ପ୍ରଶଂସା କରିଥିଲେ ।ପ୍ରଧାନମନ୍ତ୍ରୀ ଏସୀୟ ସିଂହ ଶାବକ, ଧଳା ସିଂହ ଶାବକ, ବିରଳ ଏବଂ ଲୁପ୍ତପ୍ରାୟ ପ୍ରଜାତିର ମେଘୁଆ (କ୍ଲାଉଡେଡ୍) ଚିତାବାଘ ଶାବକମାନଙ୍କୁ ଦେଖିଥିଲେ । ପ୍ରଧାନମନ୍ତ୍ରୀ ମୋଦି ନିଜ ହାତରେ ଧଳା ସିଂହ, ବାଘ ଏବଂ ଗଣ୍ଡାର ଶାବକମାନଙ୍କୁ କ୍ଷୀର ପିଆଇଥିଲେ । କେନ୍ଦ୍ରରେ ଏସୀୟ ସିଂହ, ହିମ ଚିତାବାଘ, ଏକ-ଶିଙ୍ଗିଆ ଗଣ୍ଡା ଭଳି ପ୍ରାଣୀମାନଙ୍କ ସଂରକ୍ଷଣ କରାଯାଉଛି । ପ୍ରଧାନମନ୍ତ୍ରୀ ଅନେକ ବିପଦଜନକ ପଶୁଙ୍କୁ ନିକଟରୁ ମଧ୍ୟ ଦେଖିଥିଲେ । ଏଥିମଧ୍ୟରେ ରହିଥିଲେ ସୁନେଲି ବାଘ, ଧଳା ସିଂହ ଏବଂ ହିମ (ତୁଷାର) ଚିତାବାଘ ଇତ୍ୟାଦି ।ବିଶାଳ ବନ୍ତାରାରେ ପ୍ରତ୍ୟେକ ପଶୁକୁ ନିଜର ଆବଶ୍ୟକତା ହିସାବରେ ଘର ମିଳିଛି । ପ୍ରାଣୀମାନଙ୍କୁ ସିଂହ ରାଜ୍ୟ, ସରୀସୃପ ରାଜ୍ୟ, ସିଲ୍ ରାଜ୍ୟ, ଚିତା ପ୍ରଜନନ କେନ୍ଦ୍ର ଭଳି ଅନେକ କେନ୍ଦ୍ରଗୁଡିକରେ ରଖାଯାଇଛି । କିନ୍ତୁ ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ର ହେଉଛି ହାତୀମାନଙ୍କ ପାଇଁ ପ୍ରାୟ ୧ ହଜାର ଏକର ପରିସରରେ ନିର୍ମିତ ଗଜନଗରୀ । ଏଠାରେ ୨୪୦ ରୁ ଅଧିକ ଉଦ୍ଧାର ହୋଇଥିବା କିମ୍ବା ଅସୁସ୍ଥ ହାତୀଙ୍କୁ ରଖାଯାଇଛି । ଅବହେଳା ଏବଂ ନିର୍ଯ୍ୟାତନାର ଶିକାର ହୋଇଥିବା ଏହି ହାତୀମାନଙ୍କୁ ବନ୍ତାରାରେ ବିଶ୍ୱସ୍ତରୀୟ ପଶୁଚିକିତ୍ସା ଏବଂ ଯତ୍ନ ମିଳୁଛି । ବନ୍ତାରାରେ ହାତୀଙ୍କ ପାଇଁ ବିଶ୍ୱର ସର୍ବବୃହତ ଡାକ୍ତରଖାନା ମଧ୍ୟ ରହିଛି । ହାତୀମାନଙ୍କ ପାଇଁ ପୋଖରୀ ଏବଂ ଜାକୁଜି ଭଳି ସୁବିଧା ମଧ୍ୟ ରହିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray